# ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ




ସାଲେପୁର, ୨।୩ (ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରକୋଷ୍ଠରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡକ୍ଟର ସଂଗୀତା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣିତ ବିଭାଗ ପ୍ରାଧ୍ୟାପକ ପ୍ରଫେସର ଆଲୋକଚନ୍ଦ୍ର ମହାନ୍ତି ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ଜଗତସିଂହପୁର ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଅନନ୍ତରାମ ପଣ୍ଡା ଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ସି.ଭି. ରମଣଙ୍କ ଜୀବନୀ, ରମଣ ରଶ୍ମିର ପ୍ରଭାବ ଓ ବୈଜ୍ଞାନିକ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏସ୍‌ଭିଏମ ମହାବିଦ୍ୟାଳୟ, ପୂର୍ବତନ ପ୍ରଫେସର ଡକ୍ଟର ଅର୍ଜୁନ ସାହୁ ଜାତୀୟ ବିଜ୍ଞାନ ଦିବସର ମହତ୍ତ୍ୱ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡକ୍ଟର ପ୍ରଦ୍ୟୁମ୍ନ ଚୌଧୁରୀ ଅତିଥିମାନଙ୍କୁ ଆମନ୍ତ୍ରିତ କରିଥିଲେ। ଅଧ୍ୟକ୍ଷା ଡକ୍ଟର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ସାଇନ୍ସ ସୋସାଇଟି ଉପସଭାପତି ପ୍ରଫେସର ଡକ୍ଟର ବିଚିତ୍ରାନନ୍ଦ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଜୟନ୍ତୀବାଳା ପରିଜା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଫେସର ଡକ୍ଟର ପ୍ରସନ୍ନ ମହାପାତ୍ର ବିଜ୍ଞାନ ଓ ନୂତନ ଜ୍ଞାନକୌଶଳର ସାରମର୍ମ ବର୍ଣ୍ଣନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଡକ୍ଟର ସ୍ୱାତୀ ପଣ୍ଡା, ଜୀବବିଜ୍ଞାନ ମୁଖ୍ୟ, ଡକ୍ଟର କ୍ଷଣପ୍ରଭା ମହାନ୍ତି, ପ୍ରଫେସର କରୁଣାକର ମୁଦୁଲି ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ଡିବିଟି ଷ୍ଟାର୍ କଲେଜ ସ୍କିମ୍‌ର ସଂଯୋଜକ ପ୍ରଫେସର ଡକ୍ଟର ଅସିତ ପରିଜା ଧନ୍ୟବାଦ ଦେଇଥିଲେ।ମହାବିଦ୍ୟାଳୟ ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ସାଲେପୁର ମହାବିଦ୍ୟାଳୟରେ ବିଜ୍ଞାନ ଦିବସ

ସାଲେପୁର, ୨।୩ (ନି.ପ୍ର) : ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରକୋଷ୍ଠରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ସଂଗୀତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣିତ ବିଭାଗର ପ୍ରାଧ୍ୟାପକ ଆଲୋକ ଚନ୍ଦ୍ର ମହାନ୍ତି ଏହି ଜାତୀୟ ବିଜ୍ଞାନ ଦିବସ ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ରୂପେ ଏସ୍‌ଭିଏମ ସ୍ୱୟଂଶାସିତ ମହାବିଦ୍ୟାଳୟ ଜଗତ୍‌ସିଂହପୁରର ପୂର୍ବତନ ଅଧ୍ୟକ୍ଷ ଡ. ଅନନ୍ତରାମ ପଣ୍ଡା, ବୈଜ୍ଞାନିକ ସିଭି ରମଣଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ. ଅର୍ଜୁନ ସାହୁ, ସାଲେପୁର ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଡ. ପ୍ରଦ୍ୟୁମ୍ନ ଚୌଧୁରୀ




ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜ୍ଞାନ ସଂସଦ ପକ୍ଷରୁ ଉପସଭାପତି ଡ. ଚିଚିତ୍ରାନନ୍ଦ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ପ୍ରଫେସର ଜୟନ୍ତୀବାଳା ପରିଡ଼ା ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ପ୍ରସନ୍ନ କୁମାର ମହାପାତ୍ର, ଆଲୋଚନାରେ ଭାଗ ନେଇଥିବାବେଳେ ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଡ. ସ୍ୱାତୀ ପଣ୍ଡା, ଜୀବ ବିଜ୍ଞାନ ମୁଖ୍ୟ ଡ. କ୍ଷଣପ୍ରଭା ମହାନ୍ତି, ପ୍ରଫେସର କରୁଣାକର ମୁଦୁଲି ପୁରସ୍କାର ବଣ୍ଟନ କରିଥିଲେ। ପ୍ରଫେସର ଡ. ଅସିତ୍ ପରିଡ଼ା ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

